ODM EDUCATIONAL GROUP
Changing your Tomorrow

# ODM PUBLIC SCHOOL

SESSION :
CLASS : v
SUBJECT : (ଓଡ଼ିଆ)
CHAPTER NUMBER:02
CHAPTER NAME : ଉପଯୁକ୍ତ ବେଶ ପକାଇ ଆସ
SUBTOPIC :ଶବ୍ଦାର୍ଥ ,ବାକ୍ୟଗଠନ

CHANGING YOUR TOMORROW

# ଉପଯୁକ୍ତ ବେଶ ପକାଇ ଆସ

ODM EDUCATIONAL GROUP
Changing your Tomorrow

ଗୋଟିଏ ରାଜ୍ୟ ଜୟ କଲେ ରାଜା ତାଙ୍କ ପୋଷାକରେ ଖଣ୍ଡିଏ ନୂଆ ହୀରା ଲଗାନ୍ତି । ରାଜ୍ୟ ପରେ ରାଜ୍ୟ ଚାରି ଛଅ ରାଜ୍ୟ ଜୟ କରି ,ପଗଡି ଓ ପରିଧେୟରେ ଚାରି ଛଅ ଚେକା ହୀରା ଝଲସାଇ ରାଜା ନିଜ ନଅରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଡେରା ପଡିଥିଲା ଗୋଟିଏ ପର୍ବତର ପାଦ ଦେଶରେ । ଦୁଇ ରାଜ୍ୟ ମଝିରେ ଏଇଟା ଗୋଟାଏ ଜନହୀନପ୍ରାୟ ବନ ମୂଳକ । ସୈନ୍ୟବାହିନୀ ଶୋଇ ପଡ଼ିଥିଲେ । ରାଜା ତାଙ୍କ ଶିବିର ବାହାରେ ନିଶାର୍ଦ୍ଧରେ ପଦଚାରଣା କରୁଥିଲେ । ହଠାତ ସମ୍ମୁଖବର୍ତ୍ତୀ ପର୍ବତ ଉପରେ ଏକ ଅଦ୍ଭୁତ ନୀଳାଭ ଆଲୋକ ତାଙ୍କର ଦୃଷ୍ଟିଗୋଚର ହେଲା । ତାଙ୍କ ହୃଦୟ ବିସ୍ମୟ ,ଚମକ ଏବଂ ଆନନ୍ଦରେ ଭରିଗଲା । ସେ ଆଲୋକ ଯେ ଅସାଧାରଣ ,ସେଥିରେ ସନ୍ଦେହର ଅବକାଶ ନ ଥିଲା ।

Edit with WPS Office

# ଶବ୍ଦାର୍ଥ

ପରିଧେୟ –ପୋଷାକ
ପ୍ରତ୍ୟାବର୍ତ୍ତନ –ଫେରିବା
ଡେରା –ଶିବିର
ନିଶାର୍ଦ୍ଧ – ରାତି
ଅଦ୍ଭୁତ –ଆଶ୍ଚର୍ଯ୍ୟ
ଦୃଷ୍ଟିଗୋଚର – ଦେଖାହେବା
ଅସାଧାରଣ –ସ୍ୱତନ୍ତ୍ର

Edit with WPS Office

# ଉପଯୁକ୍ତ ବେଶ ପକାଇ ଆସ

ବିସ୍ମିତ ରାଜା ମନ୍ତ୍ରୀଙ୍କୁ ନିଦରୁ ଉଠାଇଲେ ଓ ସେ ଆଲୋକ ଦେଖାଇଲେ । ମନ୍ତ୍ରୀ ଅତି ସ୍ୱାଭାବିକ ଭାବରେ କହିଲେ ,'ମହାରାଜ ,ମୁଁ ସନ୍ଧ୍ୟାବେଳେ ଆଖପାଖ ଲୋକଙ୍କଠୁଁ ଶୁଣିଥିଲି କି ସେ ପର୍ବତ ଉପରେ ଜଣେ ସନ୍ନ୍ୟାସୀ ରହନ୍ତି । ଶୀତ ରାତି । ସେ ନିଆଁ ଜାଳିଛନ୍ତି ।'

"ମନ୍ତ୍ରୀ !ତୁମକୁ ସେ ଆଲୋକ କିପରି ଲାଗୁଛି ?"

ରାଜାଙ୍କ ପ୍ରଶ୍ନରେ ବିସ୍ମିତ ହୋଇ ମନ୍ତ୍ରୀ କହିଲେ ,"ମଣିମା!ଶୁଖିଲା କାଠପତ୍ର ଜାଳିଲେ ନିଆଁ ଯେପରି ହେବା କଥା ,ଏହା ସେହିପରି !" 'ଆଚ୍ଛା ,ଶୋଇବ ଯାଅ ।'କହିଲେ ରାଜା । ସେ ବୁଝିଲେ ଯେ ଆଲୋକର ଯେଉଁ ବିଶେଷତ୍ୱ ସେ ଦେଖୁଛନ୍ତି ,ମନ୍ତ୍ରୀ ତାହା ଦେଖିପାରୁନାହାନ୍ତି ।

ODM EDUCATIONAL GROUP
Changing your Tomorrow
Edit with WPS Office

# ଶବ୍ଦାର୍ଥ

ସ୍ୱାଭାବିକ –ଠିକ ଅବସ୍ଥା,ପୂର୍ବଅବସ୍ଥା
ବିସ୍ମିତ –ଆଶ୍ଚର୍ଯ୍ୟ
ବିଶେଷତ୍ୱ -ସ୍ୱତନ୍ତ୍ରତା

Edit with WPS Office

# ଗୃହକର୍ମ

କଷ୍ଟଶବ୍ଦ ଗୁଡିକୁ ଖାତାରେ ଲେଖ ଓ ମନେରଖ ।

Edit with WPS Office

# LEARNING OUTCOME:

ରାଜାଙ୍କ ରାଜ୍ୟଜୟ ପ୍ରବୃତ୍ତି ।

Edit with WPS Office

# THANKING YOU

# ODM EDUCATIONAL GROUP

Edit with WPS Office